**ସଂକ୍ଷେପରେ**

## ‘ଦିବ୍ୟାଙ୍ଗ ଏବେ ବି ଅବହେଳିତ’



**ଢେଙ୍କାନାଳ ଅଫିସ, ୩୦।୮:** ଢେଙ୍କାନାଳ ଆଇଆଇଏମ୍‌ସିରେ ଶୁକ୍ରବାର ‘ଦିବ୍ୟାଙ୍ଗ ଏବଂ ସେମାନଙ୍କ ପ୍ରସଙ୍ଗ’ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ‘ସ୍ୱାଭିମାନ’ର ନିର୍ଦ୍ଦେଶିକା ଡ. ସ୍ମୃତି ମହାପାତ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ କହିଲେ, ଭାରତରେ ଦିବ୍ୟାଙ୍ଗମାନେ ଏବେ ବି ଅବହେଳିତ ଅବସ୍ଥାରେ ରହିଛନ୍ତି। ଆଜି ବି ସେମାନେ ଜନଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧାସୁଯୋଗର ଅଭାବ ରହିଛି। ଏସବୁର ଅବସାନ ପାଇଁ ସକ୍ଷମ ମଣିଷଙ୍କ ମାନସିକତାରେ ପରିବର୍ତ୍ତନ ଜରୁରୀ। ଦିବ୍ୟାଙ୍ଗଙ୍କ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଗଣମାଧମ ଗୁରୁତ୍ୱ ଦେଲେ ସେମାନେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ଗଣମାଧମ ପ୍ରତିନିଧି ମିନତି ସିଂ ଦିବ୍ୟାଙ୍ଗ ଭୋଗୁଥିବା ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ଦିବ୍ୟାଙ୍ଗମାନେ ପ୍ରତିଦିନ ଭୋଗୁଥିବା ସମସ୍ୟାକୁ ଅନୁଭବ କରିବାକୁ ଛାତ୍ରୀଛାତ୍ରମାନେ ଆଶାବାଡ଼ି ଧରି ଚାଲିବା ସହିତ ହୁଇଲ ଚେୟାରରେ ବସିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବହୁ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଉପସ୍ଥିତ ଥିଲେ।

## ‘ଦୃଷ୍ଟିଭଙ୍ଗୀ ବଦଳିଲେ ଅସମାନତା ଦୂର ହେବ’

**ଢେଙ୍କାନାଳ ଅଫିସ, ୩୦।୮:** ସାମ୍ପ୍ରତିକ ସମୟରେ ସାମାଜିକ ସ୍ଥିତି ବଦଳିଛି। କିନ୍ତୁ ଦୃଷ୍ଟିଭଙ୍ଗୀ ବଦଳିନି। ଏବେ ବି ନାରୀମାନେ ଅବହେଳିତ। ପୁରୁଷ-ମହିଳାଙ୍କ ମଧ୍ୟରେ ଅନେକ ଅସମାନତା ରହିଛି। ଏସବୁ ଦୂର କରିବାକୁ ହେଲେ ସମାଜର ଦୃଷ୍ଟିଭଙ୍ଗୀ ବଦଳିବା ଆବଶ୍ୟକ ବୋଲି ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଅକ୍ସଫାମ ସଂସ୍ଥା ପକ୍ଷରୁ ଶୁକ୍ରବାର ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ମତପ୍ରକାଶ ପାଇଛି। ଅକ୍ସଫାମ୍‌ର ରୁକ୍ମଣୀ ପଣ୍ଡା, ଅକ୍ଷୟ କୁମାର, ଗଣମାଧମ ପ୍ରତିନିଧି ରାକ୍ଷୀ ଘୋଷ ଆଲୋଚନାରେ ଭାଗ ନେଇଥିଲେ। ମହିଳାଙ୍କ ନିର୍ଯାତନା ସମ୍ପର୍କିତ ଖବରକୁ ଗଣମାଧମରେ ନାଟକୀୟ ଭାବେ ଉପସ୍ଥାପନ କରାଯାଉଛି। ପୀଡ଼ିତାଙ୍କ ସାକ୍ଷାତକାର ନେବାକୁ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହାର କୁପ୍ରଭାବ ସାମାଜିକ ବ୍ୟବସ୍ଥା ଉପରେ ପଡୁଛି। ଖବର ପରିବେଷଣ ବେଳେ ଗଣମାଧମ ପ୍ରତିନିଧି ଏଥିପ୍ରତି ଯଥେଷ୍ଟ ସଚେତନ ହେବା ଜରୁରୀ। ମହିଳା-ପୁରୁଷଙ୍କ ମଧ୍ୟରେ ଥିବା ବୈଷମ୍ୟ ଦୂର କରିବା ଦିଗରେ ଗଣମାଧମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିର୍ଯାତିତାଙ୍କ ପରିବର୍ତ୍ତେ ଅଭିଯୁକ୍ତଙ୍କୁ ଅଧିକ ଫୋକସ୍ କଲେ ମହିଳା ହିଂସା ବିରୋଧରେ ଜନଜାଗରଣ ସୃଷ୍ଟି ହେବ ବୋଲି ରାକ୍ଷୀ ଘୋଷ ମତବ୍ୟକ୍ତ କରିଥିଲେ।

## ଯୁବକ ସଂଘ ପକ୍ଷରୁ କ୍ରୀଡ଼ା ଦିବସ



**ଢେଙ୍କାନାଳ ଅଫିସ, ୩୦।୮:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ କାଣ୍ଡବିନ୍ଧା ଯୁବକ ସଂଘ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଅଛି। ସନ୍ତୋଷ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ପୂର୍ବତନ ଉପଶିକ୍ଷା ଅଧିକାରୀ ତ୍ରିଲୋଚନ ମହାରଣା, ମୁଖ୍ୟବକ୍ତା ଭାଷ୍ୟକାର ଅଧାପକ ଜୀବନ ରଞ୍ଜନ ମହାପାତ୍ର, ଉପଦେଷ୍ଟା ବିକ୍ରମ ରାଉତ ପ୍ରମୁଖ ଯୋଗଦେଇ ହକି ପ୍ରତିଭା ମେଜର ଧାନଚାନ୍ଦଙ୍କ କ୍ରୀଡ଼ା ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଅନେକ କ୍ରୀଡ଼ା ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ଅଛନ୍ତି। ସେମାନେ ଆଗକୁ ଆସି ଦକ୍ଷତା ପ୍ରଦର୍ଶନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବିଜୟ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

■ ଜିଲା ଶିକ୍ଷା ବିଭାଗ ସାଧାରଣ ପରିଷଦ ବୈଠକ

# ‘ଶୈକ୍ଷିକ କାର୍ଯ୍ୟକ୍ରମ ବୌଦ୍ଧିକ ବିକାଶ କରିବ’

**ଢେଙ୍କାନାଳ ଅଫିସ, ୩୦।୮**

ଢେଙ୍କାନାଳ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ମିଳିତ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଇଓ ସୁଧାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ, ସ୍କାଉଟ୍ସ ମାଷ୍ଟର, ଗାଇଡ୍ସ କ୍ୟାପ୍‌ଟେନ, ଜୁନିୟର ରେଡ୍‌କ୍ରସ୍ କାଉନସିଲରମାନେ ଉପସ୍ଥିତ ଥିଲେ। ଶରୀର ଏବଂ ମନକୁ ସୁସ୍ଥ ରଖିବାକୁ ଖେଳକୁଦ ନିହାତି ଆବଶ୍ୟକ। ସ୍କାଉଟ୍ସ, ଗାଇଡ୍ସ, ରେଡ୍‌କ୍ରସ୍ ପକ୍ଷରୁ ଆୟୋଜିତ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ସାମିଲ ହେବା ଦ୍ୱାରା ବୌଦ୍ଧିକ ବିକାଶ ହୋଇପାରିବ ବୋଲି ଡିଇଓ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଶପଥପାଠ କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ବିଇଓ ନିତ୍ୟାନନ୍ଦ ବାରିକ, ଅଜୟ କୁମାର ପାତ୍ର, ହରିହର ଦେହୁରୀ, ଶାନ୍ତନୁ କୁମାର ମଲ୍ଲିକ, ଅଭିମନ୍ୟୁ ସେଠୀ, ସୁମତି ପ୍ରଧାନ, ସଂସାର ଭୋଇ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ।

ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୌଦାମିନୀ ଦାସ ବାର୍ଷିକ ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟସୂଚୀ ଅନୁମୋଦିତ ହୋଇଥିଲା। ହେଡ୍‌କ୍ୱାର୍ଟର ଗାଇଡ୍ସ କମିଶନର ଦୀପ୍ତିମୟୀ ଲେଙ୍କା, ସ୍କାଉଟ୍ସ କମିଶନର ଗଗନ ବିହାରୀ ନାୟକ, ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ, ଫ୍ଲକ ଲିଡର ସୁସ୍ମିତା ସାହୁ, ଜିଲା ଜୁନିୟର ରେଡ୍‌କ୍ରସ୍ ଅଫିସର ନରେଶ ମହାରଣାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଜୁନିୟର ରେଡ୍‌କ୍ରସ୍ ଯୁଗ୍ମ ସମ୍ପାଦକ ବିପିନ ବିହାରୀ ଶତପଥୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ଶିକ୍ଷା ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।



ଅବକାରୀ ଥାନା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

## ଅବକାରୀ ଥାନା ଉଦ୍‌ଘାଟିତ

**କାମାକ୍ଷାନଗର, ୩୦।୮ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଜିରିଡ଼ାମାଳିଠାରେ ଶୁକ୍ରବାର ଅବକାରୀ ଥାନାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୩୭ବର୍ଷ ପରେ କାମାକ୍ଷାନଗର ଅବକାରୀ ବିଭାଗ ନିଜସ୍ୱ ଗୃହ ଲୋକାର୍ପିତ ହେଇଥିବାରୁ ଏହାକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଅବକାରୀ ଇନ୍ସପେକ୍ଟର ସମୀର ମହାନ୍ତି, ରାଜଶେଖର ସ୍ୱାଇଁ, ଏସ୍‌ଆଇ ସ୍ୱପ୍ନାରାଣୀ ସାହୁ, ସଙ୍ଗୀତା ମହାନ୍ତି, ଏଏସଆଇ ଶ୍ରୀକାନ୍ତ ପଟ୍ଟନାୟକ, ଜ୍ୟୋତିରଞ୍ଜନ ସେନାପତି, ବଟକୃଷ୍ଣ ରାଉଳ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ଉପସଭାପତି ସୂର୍ଯ୍ୟନାରାୟଣ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ମଦ ବେପାରୀ କୋର୍ଟ ଚାଲାଣ

**ବଡ଼ସାହି,୩୦।୮(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ଉଠାଣୀନୂଆଗାଁ ଗ୍ରାମରେ ବେଆଇନ ମଦକାରବାର କରୁଥିବା ଜନୈକ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଜୟନ୍ତ କୁମାର ବେହେରା। ତାଙ୍କ ଠାରୁ ପୋଲିସ ୫୮ବୋତଲ ବିଦେଶୀ ମଦ ଓ ୨୦ଲିଟର ଦେଶୀ ମଦ ଜବତ କରିଛି । କାରବାରରେ ବ୍ୟବହାର କରାଯାଉଥିବା ଏକ ମୋଟରସାଇକେଲକୁ ମଧ୍ୟ ପୋଲିସ ଜବତ କରିଛି ।

# ୩୫ ଶ୍ରମିକଙ୍କୁ ମିଳିଲା ପରିଚୟପତ୍ର



ଅତିଥିଙ୍କ ଗହଣରେ ପରିଚୟପତ୍ର ପାଇଥିବା ଶ୍ରମଜୀବୀମାନେ।

**ଢେଙ୍କାନାଳ ଅଫିସ, ୩୦।୮**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ସପ୍ତଶଯ୍ୟା ଅଞ୍ଚଳରେ କାର୍ଯ୍ୟ କରୁଥିବା ୩୫ ଅଣ ସଙ୍ଗଠିତ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ପ୍ରାଧିକରଣ ଅଧକ୍ଷ ମଳୟ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ପାରାଲିଗାଲ ଭଲ୍ୟୁଣ୍ଟିୟର ଟଙ୍କଧର ବାରିକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜିଲା ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ବିରଞ୍ଚି କୁମାର ରଥ, ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ସ୍ଥାୟୀ ଲୋକ ଅଦାଲତର ସଦସ୍ୟ ହରେକୃଷ୍ଣ କର, ଜିଲା ଶ୍ରମ ନିରୀକ୍ଷକ ହଳଧର ବରାଳ ପ୍ରମୁଖ ଉପସ୍ଥିତ ରହି ଶ୍ରମିକଙ୍କୁ ଶ୍ରମ ଆଇନ ବିଷୟରେ ସଚେତନ କରାଇଥିଲେ।

## ଗଛରୁ ଖସିପଡ଼ି ଜଣେ ମୃତ

**କାମାକ୍ଷାନଗର, ୩୦।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବେଡ଼ାପାଳ ଗ୍ରାମର ଭୀମସେନ ବାରିକ (୫୪) ଶୁକ୍ରବାର ଗଛରୁ ଖସି ପଡ଼ି ପ୍ରାଣ ହରାଇଛନ୍ତି। ଭୀମସେନ ବେଡ଼ାପାଳ ପଞ୍ଚାୟତ କାର୍ଯ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗ୍ରାମର ଉଦୟ ଜେନା ବାଟଗାଁରେ ଥିବା ତାଙ୍କ ବଗିଚାରେ ଗଛ କାଟିବାକୁ ଭୀମସେନଙ୍କୁ ସକାଳୁ ଡାକି ନେଇଥିଲେ। ଗଛ କାଟୁଥିବାବେଳେ ସେ ଅସାବଧାନତାବଶତଃ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ କଙ୍କଡ଼ାହାଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ. ୧୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

■ କୈବଲ୍ୟ ବଜାର ଲକ୍ଷ୍ମୀପୂଜା କମିଟି ବୈଠକ

## ସୁନିଆରେ ହେବ ଶୁଭମାଟି ଅନୁକୂଳ



ବୈଠକରେ ପୂଜା କମିଟି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୩୦।୮**

ଢେଙ୍କାନାଳ କୈବଲ୍ୟ ବଜାର ମହାଲକ୍ଷ୍ମୀ ପୂଜା କମିଟିର ସାଧାରଣ ବୈଠକ ଅନୁଷ୍ଠାନର ପୂଜାମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସନ୍ନ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗତବର୍ଷ ପୂଜାର ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଚଳିତବର୍ଷ ଲକ୍ଷ୍ମୀପୂଜାକୁ ସୁଚାରୁରୂପେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆସନ୍ତା ୧୦ ତାରିଖ ସୁନିଆ ଅବସରରେ ପ୍ରତିଷ୍ଠାନ ପକ୍ଷରୁ ମା’ ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଲାଗି ଶୁଭମାଟି ଅନୁକୂଳ କରାଯିବାକୁ ନିଷ୍ପତ୍ତି ହୋଇଛି।

ବୈଠକରେ ଶ୍ରୀନିବାସ ଷଡ଼ଙ୍ଗୀ, ମଦନ ମୋହନ ପଣ୍ଡା, ସୁଧାଂଶୁ ଶେଖର ନନ୍ଦ, ରମେଶ ପତି, ମହାଦେବ ପଣ୍ଡା, ଅକ୍ଷୟ ଶତପଥୀ, ପ୍ରକାଶ ପତି, ମଧୁ ମହାନ୍ତି, ସମରେନ୍ଦ୍ର ମହାନ୍ତି, ମନୋଜ ମହାନ୍ତି, ଟିକି ମହାପାତ୍ର, ପିଣ୍ଟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ ୟୁନିଟ୍ ରକ୍ତ ସଂଗ୍ରହ



ପୌରସଂସ୍ଥା ପକ୍ଷରୁ ରକ୍ତଦାନ ଶିବିର।

**ଢେଙ୍କାନାଳ ଅଫିସ, ୩୦।୮**

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଶୁକ୍ରବାର ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୌରସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ରକ୍ତଭଣ୍ଡାର ଡାକ୍ତର ପ୍ରମୋଦ କୁମାର ମହାଳିକ, ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ବାସୁଦେବ ସାହୁ, ରୋହିତ କୁମାର ଦାସ, ଅଜୟ ସ୍ୱାଇଁ, ତପନ ଜେନା, ବରୁଣ ସାହୁ, ପୌର କର୍ମଚାରୀ ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସୁରପ୍ରତାପ ସ୍ମୃତିପୀଠ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୩୦।୮**

ଢେଙ୍କାନାଳ ସୁରପ୍ରତାପ ସ୍ମୃତିପୀଠ ପକ୍ଷରୁ ସ୍ଥାନୀୟ ରାଜବାଟୀ ପରିସରରେ ବୁଧବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବ୍ୟଙ୍ଗ କବୟିତ୍ରୀ ହାସ୍ୟବିଦୁଷୀ ପଙ୍କଜିନୀ ଦାଶ, ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକ, ପୂର୍ବତନ ନଗରପାଳ ଶ୍ରୀଧର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସୁରପ୍ରତାପ ସ୍ମୃତିପୀଠ ଟ୍ରଷ୍ଟ ବୋର୍ଡ ଅଧକ୍ଷ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଇଂ କୁଳମଣି ଦାସ, ଯୁବରାଜ ଅମରଜ୍ୟୋତି ସିଂଦେଓ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଶଙ୍କର୍ଷଣ ପୃଷ୍ଟି, ଅନନ୍ତ ଦତ୍ତ, ସୁନୀଲ ଦାସ, ପରେଶ ମିଶ୍ର, ସୁକାନ୍ତ ମିଶ୍ର, ପ୍ରେମଶଙ୍କର ମିଶ୍ର, ବେଣୁଧର ସାହୁ, ସନ୍ତୋଷ ମହାପାତ୍ର, ରମେଶ ଚନ୍ଦ୍ର ପତି, ଦୁଃଶାସନ ଦଳେଇ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ତୀର ମାଡ଼ରେ ଜଣେ ଆହତ, ୨ଗିରଫ

**ବଡ଼ସାହି,୩୦।୮(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ହରିପୁର ଗ୍ରାମରେ ଜମିବାଡି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟ ପରିବାର ମଧ୍ୟରେ ମାରପିଟ ଲାଗିବା ସହିତ ତୀର ମାଡ଼ରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଉଭୟ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗ୍ରାମର ଶୀତଳ ମଣ୍ଡଳ ଓ ଆନନ୍ଦ ବେରାଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଜମିବାଡି ବିବାଦ ଲାଗି ରହିଥିଲା। ଗୁରୁବାର ଗଣ୍ଡଗୋଳ ଉଗ୍ରରୂପ ନେବାରୁ ଶୀତଳଙ୍କ ପରିବାର ଲୋକଙ୍କ ତୀର ମାଡରେ ଆନନ୍ଦଙ୍କ ପତ୍ନୀ ହର୍ଷ ବେରା ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି । ଆନନ୍ଦଙ୍କ ଝିଅ ସୁନୀତା ବେରାଙ୍କ ଅଭିଯୋଗ କ୍ରମେ ପୋଲିସ ଶୀତଳ ମଣ୍ଡଳ, ପତ୍ନୀ ସବିତା ମଣ୍ଡଳ ଓ ପୁଅ ରବି ମଣ୍ଡଳଙ୍କ ନାମରେ ଏକ ମାମଲା (ନଂ. ୧୧୮/୧୯) ରୁଜୁ କରିଛି । ଏହି ଘଟଣାରେ ପୋଲିସ ଟାଙ୍ଗିଆ ଓ ଲୁହା ରଡ୍ ଜବତ କରିଛି । ସେହିପରି ଶୀତଳଙ୍କ ଝିଅ ଝରଣା ମଣ୍ଡଳଙ୍କ ଅଭିଯୋଗକୁ ଭିତ୍ତି କରି ଆନନ୍ଦ ବେରା, ପତ୍ନୀ ହର୍ଷ ବେରା ଓ ପୁଅ ସଞ୍ଜୟ ବେରାଙ୍କ ନାମରେ ପୋଲିସ ଅନ୍ୟ ଏକ ମାମଲା (ନଂ.୧୨୦/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

■ ବନ ବିଭାଗ, କୋର୍ଟ କର୍ମଚାରୀଙ୍କ ପ୍ରୟାସ

# ସୁଲେଇପାଳ କୁଦରେ ଲାଗିଲା ୫୦୦ ଚାରା



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଭୁବନ, ୩୦।୮(ଡି.ଏନ.ଏ.)**

ଭୁବନ ବନ ବିଭାଗ ଏବଂ ଏସ୍‌ଡିଜେଏମ୍ କୋର୍ଟ କର୍ମଚାରୀଙ୍କ ମିଳିତ ସହଯୋଗରେ ଶୁକ୍ରବାର ସୁଲେଇପାଳ କୁଦରେ ବନୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜେଏମ୍‌ଏଫ୍‌ସି ଚନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କୁଦ ପରିସରରେ ଥିବା ୫ ଏକର ଜମିରେ ୩ହଜାର ଚାରା ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦିନରେ କଦମ୍ବ, ଶିଶୁ, ବାଦାମ, କରଞ୍ଜ ଆଦି ପ୍ରଜାତିର ୫୦୦ ଚାରା ଲଗାଯାଇଛି।

ଓକିଲ ସଂଘର ସଭାପତି ବାବୁଲି ସେଠୀ, ସରକାରୀ ଓକିଲ ମହେନ୍ଦ୍ର ମହାପାତ୍ର, ଆଇନଜୀବୀ ସନାତନ ଗୁରୁ, ରେଞ୍ଜର ଲୋହିତ କୁମାର ରଥ, ଡେପୁଟି ରେଞ୍ଜର ଗୌତମ ପ୍ରଧାନ, ଫରେଷ୍ଟର କବିତା ବିଶାଳ, ଗୋବର୍ଦ୍ଧନ ସେଠୀ, ବିପିନ ବିହାରୀ ତୁଙ୍ଗ, ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ବେହେରା, ବେଣୁଧର ବେହେରା, ହାତୀ ସ୍କ୍ୱାଡ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ସଂକ୍ଷେପରେ

### ଆର୍‌ପିଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ତାଳଚେର,୩୦।୮(ନି.ପ୍ର.)- ତାଳଚେର ରେଳ ସୁରକ୍ଷା ବଳ (ଆର୍‌ପିଏଫ) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନରେ ବନ୍ତୋଲ, ତାଳଚେର ଥର୍ମାଲ, ଚାଇଁପାଳ ରେଳ ଫାଟକରେ ଅନୁଷ୍ଠିତ ହୋଇଯାଇଛି। ହେଲ୍ପ ଲାଇନ ନମ୍ବର ୧୮୨ର ବ୍ୟବହାର, ରେଳଫାଟକ ବନ୍ଦ ଥିବା ବେଳେ ଯାତାୟାତ ନ କରିବା, ରେଳରେ ଯାତ୍ରା କରିବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେବା, ଟ୍ରେନ ଉପରକୁ ପଥର ନ ପକାଇବା, ଟ୍ରେନ ଲାଇନକୁ ଗୃହପାଳିତ ପ୍ରାଣୀ ନ ଛାଡିବା ଆଦି ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଏସ୍‌ଆଇ ଅସିତ କୁମାର ନାୟକ, ହେଡ କନଷ୍ଟେବଳ ଏ. ବି. ସିଂ, ଏ.କେ. ଜେନା, ବି. ଆର୍. ଅମାନ୍ତ, ଏସ.କେ. ସାହୁ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଅସମ୍ପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପରାମର୍ଶ

ତାଳଚେର,୩୦।୮(ନି.ପ୍ର.): ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଶୁକ୍ରବାର ଅପରାହ୍ନରେ ତାଳଚେର ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନୁଷ୍ଠିତ ବୈଠକରେ ଏମ୍‌ପି ପାଣ୍ଠି ବିନିଯୋଗ ଓ ଆଗେଇ ପାରୁ ନ ଥିବା ବିଭିନ୍ନ କାର୍ଯ୍ୟର କାରଣ ସମ୍ପର୍କରେ ପଚାରି ବୁଝିଥିଲେ। ଅସମ୍ପୂର୍ଣ୍ଣ ହୋଇ ପଡିଥିବା କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଟେଣ୍ଡର ସତ୍ତ୍ୱେ ଆରମ୍ଭ ହୋଇ ନ ଥିବା କାର୍ଯ୍ୟକୁ ବାତିଲ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଟକଳ ମୂଲ୍ୟ ୫ ଲକ୍ଷ ମଧରେ ଥିବା କାର୍ଯ୍ୟର ରନିଙ୍ଗ୍ ବିଲ୍ ନ କରିବା ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। କାର୍ଯ୍ୟ କରିବା ପୂର୍ବରୁ ଠିକାଦାରମାନଙ୍କ ସହ ଏଗ୍ରିମେଣ୍ଟ କରି ଧାର୍ଯ୍ୟ ସମୟରେ କାର୍ଯ୍ୟକୁ ଶେଷ କରିବା ଉପରେ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ତାଳଚେର ବ୍ଲକକୁ ୩୪୫ଟି ପ୍ରକଳ୍ପ ନିମନ୍ତେ ଅନୁଦାନ ଆକାରରେ ୧୫ କୋଟି ୬୨ ଲକ୍ଷ ଟଙ୍କା ଆସିଥିବା ଏବଂ ସେଥି ମଧ୍ୟରୁ ୨୨୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଅବଶିଷ୍ଟର କାର୍ଯ୍ୟ ଚାଲୁ ରହିଥିବା ବ୍ଲକ ଉନ୍ନୟନ ଅଧିକାରୀ ପ୍ରକାଶ କରିଥିଲେ। ବଳକା କାର୍ଯ୍ୟକୁ ସେପ୍ଟେମ୍ବର ଶେଷ ସୁଧା ସାରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, କଲଭର୍ଟ, ଜିଜିୱାଇ, ଡି.ଆର.ଏନ୍ କାର୍ଯ୍ୟର ସମୀକ୍ଷା କରିବା ସହ ଏହାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସାମୂହିକ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କାମ କରିବା ପାଇଁ ଉପସ୍ଥିତ ସମୀକ୍ଷା ବୈଠକରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ବିଡିଓ ନେତ୍ରାନନ୍ଦ ମଲ୍ଲିକ, ଯନ୍ତ୍ରୀ ଦେବରାଜ ନାୟକ, ଏବିଡିଓ ରାହାସ ବିହାରୀ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ସହରକୁ ପଲିଥିନ ମୁକ୍ତ ପାଇଁ ସଂକଳ୍ପ

ଅନୁଗୋଳ ଅଫିସ, ୩୦।୮: ଅନୁଗୋଳ ବଣିଆବାହାଲ ଠାରେ ଶୁକ୍ରବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ପ୍ରଦୀପ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିଯାନରେ ବଣିଆବାହାଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉକ୍ତ ଅଭିଯାନରେ ଉପସ୍ଥିତ ରହି ଭାରତକୁ ଏକ ସ୍ୱଚ୍ଛ ପରିବେଶ ଦେଶ ହିସାବରେ ଗଢ଼ିବାକୁ ସଙ୍କଳ୍ପ ନେଇଥିଲେ। ସେହିପରି ସହରକୁ ପଲିଥିନ ମୁକ୍ତ ଓ ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନୁଗୋଳ ନଗର ସଭାନେତ୍ରୀ ନମିତା ଦଳବେହେରା, ବିସ୍ତାରକ ପ୍ରଦୀପ ବିଶ୍ୱାଳ, ସରିତା ମିଶ୍ର, ଡ଼ା. ଆଶିଷ ରାଉତ, ପ୍ରଭାତ ଭୂତିଆ, ଅଭି ପରିଡ଼ା, ଶେଫାଳି ସେଠୀ, କାଳିଆ ସେଠୀ, ଅନିଲ ପରିଡ଼ା ପ୍ରମୁଖ ସାମିଲ ଥିଲେ।

■ ଅନୁଗୋଳ ସିଡିଏମ୍‌ଓଙ୍କ ଖବରଦାତା ସମ୍ମିଳନୀ

# ଦଲାଲଙ୍କୁ ଧରିବ ସ୍ୱତନ୍ତ୍ର ଟିମ୍

ଅନୁଗୋଳ ଅଫିସ, ୩୦।୮

■ସର୍ବାଧିକ କଲଚର ପରୀକ୍ଷାରେ ରେକର୍ଡ
■ଶୀଘ୍ର କାର୍ଯ୍ୟକ୍ଷମ ହେବ ଶବ ସଂରକ୍ଷଣ ଗୃହ
■କରାଯିବ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା
■ଖୋଲିବ ଟ୍ରମା କେୟାର ସେଣ୍ଟର

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସକ୍ରିୟ ଥିବା ଦଲାଲଙ୍କୁ ଧରିବାକୁ ପଦକ୍ଷେପ ନେବ ମେଡିକାଲ ପ୍ରଶାସନ। ଏଥିପାଇଁ ଗଠନ କରାଯିବ ଏକ ସ୍ୱତନ୍ତ୍ର ଟିମ୍। ଏହି ଟିମ୍‌ର ସଦସ୍ୟମାନେ ବିଭିନ୍ନ ସମୟରେ ଲୋକଙ୍କୁ ଠକୁଥିବା ଦଲାଲଙ୍କ ଉପରେ ନଜର ରଖିବା ସହ ସେମାନଙ୍କୁ ଧରି ପୋଲିସ ଜିମା ଦେବ ବୋଲି ଶୁକ୍ରବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ କାରଣ ଯୋଗୁ ମେଡିକାଲରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଥିବା ସିଡିଏମ୍‌ଓ କହିଛନ୍ତି।

ସମ୍ମିଳନୀରେ ସିଡିଏମ୍‌ଓ ବେହେରା କହିଲେ ଯେ, କେବଳ ଜିଲାରେ ନୁହେଁ ସାରା ରାଜ୍ୟରେ ଡାକ୍ତର ଅଭାବ ସମସ୍ୟା ଲାଗି ରହିଛି। ତେବେ ଜିଲାରେ ଯେତିକି ଡାକ୍ତର ଅଛନ୍ତି ସେଥିରେ ଉତ୍ତମ ସ୍ୱାସ୍ଥ୍ୟସେବା ଜିଲାବାସୀଙ୍କୁ ଯୋଗାଇବାକୁ ସମସ୍ତ ଉଦ୍ୟମ କରାଯାଉଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ସମସ୍ୟା ସମ୍ପର୍କରେ ଅବଗତ ହେଉଛୁ। ନିକଟରେ ମାଧପୁର ଓ ଖମାର ଡାକ୍ତରଖାନା ଗସ୍ତବେଳେ ଅବ୍ୟବସ୍ଥା ନଜରକୁ ଆସିବା ପରେ ତୁରନ୍ତ



ଆୟୋଜିତ ଖବରଦାତା ସମ୍ମିଳନୀ।

କାର୍ଯ୍ୟାନୁଷ୍ଠାନ ନିଆଯାଇ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଥିଲା। ଅସାଧୁ ଉପାୟ ଅବଲମ୍ବନ କରୁଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜିଲା ଖଣିଜ ପାଣ୍ଠିରେ ନିଯୁକ୍ତି ପାଇଥିବା ୨୪ ଜଣ ଡାକ୍ତରଙ୍କ ମଧ୍ୟରୁ କେତେଜଣ ଚାକିରି ଛାଡିଦେଇଛନ୍ତି। ତେଣୁ ଖାଲି ପଡିଥିବା ପଦବୀଗୁଡିକରେ ପୁନଃନିଯୁକ୍ତି ପାଇଁ ଜିଲା ପ୍ରଶାସନକୁ ଚିଠି ଲେଖା ଯାଇଥିବା ସିଡିଏମଓ କହିଥିଲେ। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ମାଇକ୍ରୋ ବାୟୋଲୋଜି ଲ୍ୟାବରେ ଗତ ଜୁନ୍‌ରେ ରାଜ୍ୟରେ ସର୍ବାଧିକ ୫ ଶହ କଲଚର (ମଳ,ମୂତ୍ର, କଫ, ଷ୍ଟୋନ ଓ ରକ୍ତ) ପରୀକ୍ଷା ହୋଇଥିବା ସିଡିଏମ୍‌ଓ ସୂଚନା ଦେଇଥିଲେ। ଏହି ରେକର୍ଡ ପୂର୍ବରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନାମରେ ଥିଲା ବୋଲି ସେ କହିଥିଲେ। ଖୁବଶୀଘ୍ର ନୂତନ ଶବ ସଂରକ୍ଷଣ ଗୃହ କାର୍ଯ୍ୟକ୍ଷମ କରାଯିବ। ସରକାର ନୂତନ ଫ୍ରିଜର ଦେଇସାରିଥିବାବେଳେ ଏବେ କେବଳ ଫ୍ରିଜର ସଂଯୋଗ ବାକି ରହିଛି ବୋଲି ସିଡିଏମ୍‌ଓ ବେହେରା କହିଥିଲେ। ନୂତନ ଜେରିଆଟିକ ୱାର୍ଡ ମଧ ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ଜାଗାର ଅଭାବ ରହିଛି। ଏ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଛି। ଏହି ଜାଗା ମିଳିବା ପରେ ଟ୍ରୋମା କେୟାର ସେଣ୍ଟର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ନୂଆ ଏସ୍‌ପିଙ୍କ ସହ ଆଲୋଚନା ହୋଇଛି। ମେଡିକାଲରେ ଥିବା ଆଉଟପୋଷ୍ଟକୁ ଉନ୍ନତିକରଣ କରିବା ସହ ୨୪ ଘଣ୍ଟିଆ ପୋଲିସ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ମିଳିଥିବା ସିଡିଏମ୍‌ଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମେଡିକାଲ ପାଚେରିକୁ ଲାଗି ଥିବା ଦୋକାନ ଗୃହ ଉଚ୍ଛେଦ କରିବାକୁ ପୌର ପ୍ରଶାସନକୁ ଚିଠି ଲେଖାଯାଇଥିବା ସେ କହିଛନ୍ତି। ମେଡିକାଲ କିଭଳି ସୁରୁଖୁରୁରେ ଚାଲିବ ସେ ନେଇ ସିଡିଏମ୍‌ଓ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇ, ଜିଲା ମ୍ୟାଲେରିଆ ଅଧିକାରୀ ବିଶ୍ୱ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ।

■ମଦ୍ୟପାନ କରି ଗାଡ଼ି ଚାଳନା

## ୬ କୋର୍ଟଚାଲାଣ, ୫ ବାଇକ ଜବତ



ଅନୁଗୋଳ ଅଫିସ, ୩୦।୮

ଅନୁଗୋଳ ସହରରେ ମଦ୍ୟପାନ କରି ଗଡ଼ି ଚାଳନା କରୁଥିବା ଅଭିଯୋଗରେ ଅନୁଗୋଳ ପୋଲିସ ୬ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ କାର, ୫ଟି ବାଇକ ଜବତ କରାଯାଇଛି। ଗିରଫ ଯୁବକମାନେ ହେଲେ ତାଳଚେର ଘଣ୍ଟପଡ଼ା ଅଞ୍ଚଳର ଅମ୍ବିକାପ୍ରସାଦ ପଣ୍ଡା(୩୫), ଅନୁଗୋଳ ଶ୍ୟାମସୁନ୍ଦରପୁରର ସଂଗ୍ରାମ ବେହେରା(୨୨), ରାଣୀଗୋଡ଼ା ଅଞ୍ଚଳର ନରେଶ ସାହୁ(୪୫), ଅନୁଗୋଳ ଜରାସିଂହା ଅଞ୍ଚଳର ହାଡ଼ିବନ୍ଧୁ ସାହୁ(୨୫), ଜରପଡ଼ା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ(୩୨), ଉତ୍ତରପ୍ରଦେଶର ରଜନୀକାନ୍ତ ପାଣ୍ଡେ(୩୮)। ଅନୁଗୋଳ ପୋଲିସ ପକ୍ଷରୁ ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଓ ବିପ୍ଳବ ସାହୁଙ୍କ ସହ କନଷ୍ଟେବଳ ବିଭୂତି ନାଏକ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ ବୋଲି ଥାନା ଅଧିକାରୀ ବିଶୋଇ କହିଛନ୍ତି।

## ଆଜି ପିତାବଳୀଙ୍କ ବାର୍ଷିକ ପୂଜା

ଅନୁଗୋଳ ଅଫିସ, ୩୦।୮

ଅନୁଗୋଳ ଖମାର ଅଞ୍ଚଳରେ ଥିବା ମା' ପିତାବଳୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଶନିବାର ଅନୁଷ୍ଠିତ ହେବ। ଗ୍ରାମ ସଭାପତି ମନମୋହନ ରଥଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଦୀର୍ଘ ୬୦ ବର୍ଷ ହେଲା ଏହି ପୂଜା ଅନୁଷ୍ଠିତ ହେଉଛି। ଏଥିରେ ଜିତୁ ମହାପାତ୍ର, ରତ୍ନାକର ମହାପାତ୍ର, ଧନେଶ୍ୱର କର, ରମେଶ ମହାପାତ୍ର, କାଳିଆ ମହାପାତ୍ର ପ୍ରମୁଖ ପୂଜକ ଭାବେ କାର୍ଯ୍ୟ କରିଥାନ୍ତି।

# ଅଣୁଯୋଜନା ପ୍ରସ୍ତୁତି ସମ୍ବନ୍ଧୀୟ ପ୍ରଶିକ୍ଷଣ



ଛେଣ୍ଡିପଦା,୩୦।୮(ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ତଥା ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି ଅନୁଗୋଳ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଜରପଡା ବନାଞ୍ଚଳ କାର୍ଯ୍ୟାଳୟଠାରେ ଅଣୁଯୋଜନା ପ୍ରସ୍ତୁତି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ନିୟୁଜ ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରିତା ସାଙ୍ଗକୁ ଅଣୁଯୋଜନା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସାମାଜିକ କର୍ମୀ ସୁଶୀଲ କୁମାର ପ୍ରଧାନ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କ ଜୀବନ ଜୀବିକା ତଥା ଆର୍ଥିକ ବିକାଶ କ୍ଷେତ୍ରରେ ଜଙ୍ଗଲ ବିଭାଗ ପକ୍ଷରୁ ନିଆଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଟିମ ଲିଡର ଅଭୟ କୁମାର ଗାହାଣ, ବିକାଶ ଅଧିକାରୀ ଯଶୋବନ୍ତ ସାହୁ, ମନୋରଞ୍ଜନ ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଶିବିରରେ ପ୍ରାୟ ୪ଟି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।

## ୯ ଦଫା ଦାବିରେ ବ୍ଲକ ଘେରାଉ

ଛେଣ୍ଡିପଦା,୩୦।୮(ସ୍ୱ.ପ୍ର)

୯ ଦଫା ଦାବିରେ ଅଲ ଇଣ୍ଡିଆ କିଷାନ ମଜଦୁର ସଂଗଠନ ପକ୍ଷରୁ ଶୁକ୍ରବାର ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଗଠନର ବ୍ଲକ ସମ୍ପାଦକ ରଣଜିତ ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗଠନର ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷ କାର୍ଯ୍ୟ ନିମନ୍ତେ ଚାଷୀଙ୍କୁ ଶତକଡା ୫୦ ସବ୍‌ସିଡି ଯୋଗାଇ ଦେବା, ପ୍ରତ୍ୟେକ ପଞ୍ଚାୟତରେ ସାର ବିହନ ଔଷଧ ଯୋଗାଇ ଦେବା ଆଦି ଦାବିରେ ସଦସ୍ୟମାନେ ବିକ୍ଷୋଭ କରିଥିଲେ। ପରେ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏସ୍‌ୟୁସିଆଇ କମ୍ୟୁନିଷ୍ଟର ବ୍ଲକ ସମ୍ପାଦକ କମ୍ରେଡ ନବକିଶୋର ପ୍ରଧାନ, କ୍ଷେତ ମଜଦୁର ସଂଗଠନର ଜିଲା ସମ୍ପାଦକ ସୁବାସ ପ୍ରଧାନ, ପତାପ ଚନ୍ଦ୍ର ସାହୁ, ଲୋକନାଥ ବେହେରା, ଅବଧୁତ ପ୍ରଧାନ, ପ୍ରସାଦି ପ୍ରଧାନଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ସାମିଲ ହୋଇଥିଲେ।

## ରୟାଲ ଏନ୍‌ଫିଲ୍ଡ ଆଣିଲା ନୂଆ ବୁଲେଟ୍

ଢେଙ୍କାନାଳ, ୩୦-୮

ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ବୁଲେଟ୍ ଏକ୍ସ ବଜାରକୁ ଆସିଛି। ଏହି ମଡେଲଟିକୁ ଗ୍ରାହକମାନେ ଢେଙ୍କାନାଳ ସହର ଏବଂ କାମାକ୍ଷାନଗରଠାରେ ଥିବା ଶିବାୟ ମୋଟର୍ସ ଶୋରୁମରୁ ପାଇପାରିବେ। ଏହାର ବଜାର ଦର ୧.୧୨ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ୩୫୦ ସିସି ଇଞ୍ଜିନ ବର୍ଗରେ ଆସୁଥିବା ଏହି ମଡେଲଟି ୩ଟି ରଙ୍ଗରେ ଉପଲବ୍ଧ। ଏଥିରେ ଗ୍ରାହକମାନେ ସିଙ୍ଗଲ ଚ୍ୟାନେଲ ଏବିଏସ୍ ଲାଭ କରିପାରିବେ। ଡିଜାଇନ୍ ଏବଂ ଇଞ୍ଜିନ ଦୃଷ୍ଟିକୋଣରୁ ଏହା ଶକ୍ତିଶାଳୀ କରି ପ୍ରସ୍ତୁତ କରାଯାଇଛି। ଏଥିରେ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଗ୍ରାହକ ପାଇ ପାରିବେ। ଗଣେଷ ପୂଜା ଅବସରରେ ଗ୍ରାହକଙ୍କ ଲାଗି ଏକ୍ସଚେଞ୍ଜ ସୁବିଧା ମଧ କରାଯାଇଛି। ୧୯,୯୯୯ ଟଙ୍କାର ଡାଉନପେମେଣ୍ଟ ଦେଇ ନୂଆ ଯାନଟିକୁ ଗ୍ରାହକ ନେଇ ପାରିବେ। ଏହି ଶୋ'ରୁମଗୁଡିକରେ ଗ୍ରାହକଙ୍କ ଲାଗି ବିକ୍ରି ଏବଂ ସର୍ଭିସ ସୁବିଧା ଉପଲବ୍ଧ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ROYAL ENFIELD

## ସ୍କୁଲ ପରିସରରେ ଚାରାରୋପଣ

କଣିହାଁ, ୩୦।୮(ଡି.ଏନ.ଏ.)

କଣିହାଁ ବ୍ଲକ ଦଲକ ପଞ୍ଚାୟତର କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ଭାଜପାର ନେତୃବୃନ୍ଦ ଓ କର୍ମଚାରୀ ଚାରାରୋପଣ କରିଛନ୍ତି। ଭାଜପା ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଅଶୋକ ମହାନ୍ତିଙ୍କ ସମେତ ତ୍ରିପୁରାରୀ ପ୍ରଧାନ, ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ବିଦ୍ୟାଳୟ ପରିସରରେ ଶହେ ଚାରାରୋପଣ କରିଥିଲେ। ଏଥିରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

■ଉପଖଣ୍ଡସ୍ତରୀୟ ଉନ୍ନୟନ କମିଟି ବୈଠକ

## ଯୋଜନାର କାର୍ଯ୍ୟକାରିତା ସମୀକ୍ଷା



ଆଠମଲ୍ଲିକ, ୩୦।୮(ଡି.ଏନ.ଏ.)

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଡ. ରଜନ୍ତୀକାନ୍ତ ବିଶ୍ୱାଳ ଏଥିରେ ଅଧକ୍ଷତା କରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତାରା ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ରକୁ ସମସ୍ତେ ଅନୁକରଣ କରି ସମସ୍ତ ଯୋଜନାର ସଫଳ ରୂପାୟନ କରିବା ଜରୁରୀ ବୋଲି ଉପଜିଲାପାଳ କହିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗ ଅଧୀନ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ଓ ଅସୁବିଧା ସମ୍ପର୍କରେ ଉପଜିଲାପାଳଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ବାସୁଦେବ ମହାପାତ୍ର, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର କସ୍ତୁରୀ ମିଶ୍ର, ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଚ୍ଛାୟତ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶ୍ରୀନିବାସ ସାହୁ, ସହକାରୀ ଯୋଗାଣ ଅଧିକାରୀ ଦାଶରଥି ସୋରେନ୍, ସହକାରୀ କୃଷି ଅଧିକାରୀ ଅଞ୍ଜନ କୁମାର ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ରବିନ ଦାସ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ବୁଦ୍ଧଦେବ ମିଶ୍ର ଉପସ୍ଥିତ ଥିଲେ।

■ନିଷ୍କାସନ ହୋଇପାରୁନି ଆବର୍ଜନା ପାଣି

# ପୂତି ଗନ୍ଧମୟ ପରିବେଶରେ ଗଡତରାସ

ବନ୍ତଳା,୩୦।୮(ଡି.ଏନ.ଏ.)



■ଦୁର୍ଦ୍ଦଶାରେ ୭୦ ପରିବାର
■ବଢୁଛି ମଶା ବଂଶ, ବ୍ୟାପୁଛି ଚର୍ମରୋଗ
■ଡ୍ରେନେଜ ବ୍ୟବସ୍ଥା ନ ହେଲେ ଆନ୍ଦୋଳନ

ଘର ଆଗରେ ଜମି ରହିଛି ବର୍ଷା, ଆବର୍ଜନା ପାଣି। ନିଷ୍କାସନର ବାଟ ନ ଥିବାରୁ ଏହା ଘରେ ପଶୁଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ହେଲେ ଉପାୟ ନ ଥିବାରୁ ବାଧ ହୋଇ ସେହି ପାଣିରେ ପଶି ଯାତାୟାତ କରୁଛନ୍ତି ଅନୁଗୋଳ ଜିଲା ବନ୍ତଳା ଥାନା ଗଡତରାସ ଗ୍ରାମବାସୀ। ଦୀର୍ଘ ୨ ବର୍ଷ ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ ହେଉ ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମର ୭୦ ପରିବାର। ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଏ ନେଇ ଅଭିଯୋଗ କରିଥିଲେ ମଧ କେହି ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ।

ଅଭିଯୋଗ ମୁତାବକ, ବେହେରା ସାହି, କନ୍ଧ ସାହି ଓ ମନ୍ଦିର ସାହିର ୭୦ରୁ ଉର୍ଦ୍ଧ୍ୱ ପରିବାର ଏହି ରାସ୍ତା ଉପରେ ନିର୍ଭର କରନ୍ତି। ପୂର୍ବରୁ ଉକ୍ତ ରାସ୍ତା ଦେଇ ବର୍ଷା ପାଣି ଚାଷ ଜମିକୁ ଗଡିଯାଉଥିଲା। ହେଲେ ଯେଉଁବାଟ ଦେଇ ପାଣି ନିଷ୍କାସନ ହେଉଥିଲା ତାହା ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେଠାରେ ଜାଗା ମାଲିକ ହୁଡା ଦେଇ ବନ୍ଦ କରିଦେଇଛନ୍ତି। ଫଳରେ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ସେଠାରେ ଜମି ରହୁଛି। ଏପରିକି ରାସ୍ତାପାର୍ଶ୍ୱରେ ଥିବା ଲୋକଙ୍କ ଘରେ ଏହା ପଶିଯାଉଛି। କେତେକ ଲୋକ ଘରର ଅଳିଆ ଆବର୍ଜନା ସେଠାରେ ଛାଡି ଦେଉଥିବାରୁ ତାହା ପଚି ଶଢି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିଯୋଗୁ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଲୋକ ଚର୍ମରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଦିନକୁ ଦିନ ଏହା ବ୍ୟାପିବାରେ ଲାଗିଛି। ସେହିପରି ଗ୍ରାମଠାରୁ ଏକ କିମି ଦୂରରେ ନୀଳ କଣ୍ଠେଶ୍ୱର ମନ୍ଦିର ଯିବାକୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ସେଠାରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ଜୁନ ୯ ରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବିଡ଼ିଓ ଗ୍ରାମକୁ ଆସି ତଦନ୍ତ କରିବା ସହିତ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଏ ନେଇ ଗ୍ରାମରେ ୩ ଥର ବୈଠକ ବସିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିବା ଗ୍ରାମର ବାଉରିଆ ବେହେରା, ନିଶାମଣି ବେହେରା, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ମାୟାଧର ବେହେରା କହିଛନ୍ତି, ଅଭିଯୋଗ ପାଇବା ପରେ ୨ ଥର ଗ୍ରାମକୁ ଯାଇଥିଲୁ। ଜଣେ ବ୍ୟକ୍ତି ନିଜ ଜାଗା ବନ୍ଧାଇ ରଖିଥିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ବନ୍ଧେଇ ଥିବା ହୁଡାକୁ ଭାଙ୍ଗି ପାଣି ନିଷ୍କାସନ ପରେ ପୁନର୍ବାର ଉକ୍ତ ବ୍ୟକ୍ତି ରାସ୍ତା ବନ୍ଦ କରିଦେଇଛନ୍ତି। ସରପଞ୍ଚଙ୍କୁ ଡ୍ରେନ ବ୍ୟବସ୍ଥା କରିବା ପାଇଁ କୁହା ଯାଇଛି। ଖୁବଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ୩୧ ଅଗଷ୍ଟ /୨୦୧୯, Dhenkanal, Saturday August 31 / 2019

## ସଂକ୍ଷେପରେ

### ପାଇପ୍ ଚୋରି ଉଦ୍ୟମ ଘଟଣା, ୨ ଗିରଫ

**କଣିହାଁ,୩୦।୮(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଆନିକଟ ନିକଟ ମୋନେଟ ପାୱାର କମ୍ପାନୀର ପାଣି ପମ୍ପ ହାଉସରୁ ବୁଧବାର ରାତିରେ ପାଣି ପାଇପ ଚୋରି ଉଦ୍ୟମ ହୋଇଥିଲା। ଏହି ଘଟଣାରେ କମରେଇ ପଞ୍ଚାୟତ ଖଇରନାଳୀ ଗ୍ରାମର ବିକାଶ ପରିଡା, ବେଣୁଧର ପ୍ରଧାନଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ.୧୧୫/୧୯ରେ ଏକ ମାମଲା ରୁଜୁ ହୋଇଥିବା ଭାରପ୍ରାପ୍ତ ଅଧିକାରୀ ବିକ୍ରମ ଜୟପୁରିଆ ପ୍ରକାଶ କରିଛନ୍ତି।

### ବାପାଙ୍କୁ ପୁଅର ମାଡ଼ ଅଭିଯୋଗ

**ବଇଣ୍ଡା,୩୦।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶ୍ୱବାହାଳ ଗ୍ରାମରେ ରମା ପ୍ରଧାନଙ୍କୁ ତାଙ୍କ ପୁଅ ରସାନନ୍ଦ ପ୍ରଧାନ ଏକ ଠେଙ୍ଗାରେ ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୪୫/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପାରିବାରିକ କଳହକୁ କେନ୍ଦ୍ର କରି ରସାନନ୍ଦ ରମାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଭାଲୁ ଆକ୍ରମଣରେ ୨ ଆହତ

**ଅନୁଗୋଳ ଅଫିସ, ୩୦।୮:** ଅନୁଗୋଳ ଜିଲା କଣିହାଁ ବ୍ଲକ ବାରିହାପୁର ଗ୍ରାମର କ୍ଷିରୋଦ ପ୍ରଧାନ(୫୫) ଓ ତ୍ରିଲୋଚନ ପ୍ରଧାନ(୪୫) ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚାଷ କାର୍ଯ୍ୟ ପାଇଁ ଉଭୟେ ବିଲକୁ ଯାଉଥିବାବେଳେ ଏକ ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା।

### କେନ୍ଦୁପତ୍ର ବୋଝେଇ ମିନି ଟ୍ରକ ଜବତ



**ବଇଣ୍ଡା,୩୦।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଆଶ୍ରୁବାହାଳ ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଏକ ଚୋରା କେନ୍ଦୁପତ୍ର ବୋଝେଇ ଟ୍ରକକୁ ବଇଣ୍ଡା ଫାଣ୍ଡି ପୋଲିସ ଜବତ କରିଛି। ଏଥିରେ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ଥିବା ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପୋଲିସ କହିଛି, ଏକ ମିନିଟ୍ରକ (ନଂ.ଓଆଇଏସ-୫୨୮୯) ଯୋଗେ ମଧୁପୁରରୁ ଅନୁଗୋଳ ଅଭିମୁଖେ ଚୋରା କେନ୍ଦୁପତ୍ର ବୋଝେଇ କରି ଯାଉଥିବାବେଳେ ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ଆର୍ ବିଶ୍ୱାଳ, ହଣ୍ଡପା ଆଇଆଇସି ଲବ ବୋଡା, ସେକେଣ୍ଡ ଅଫିସର ସରୋଜ କୁମାର ଦାସ ପ୍ରମୁଖ ଚଢ଼ାଉ କରିଥିଲେ। ଗାଡିର ଚାଳକ ଓ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ଚଢ଼ାଉ, ମଦ ଜବତ

**ବଇଣ୍ଡା,୩୦।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ପୋଲିସ ଲୁହାମୁଣ୍ଡା ଗ୍ରାମରେ ଚଢ଼ାଉ କରି ରାମଚନ୍ଦ୍ର ବେହେରାଙ୍କ ଘରୁ ୪ ଲିଟର ଦେଶୀ ମଦ ଜବତ କରିଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ହଣ୍ଡପା ଏଏସଆଇ କୁନି ବାରିକ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ରାମଚନ୍ଦ୍ର ଫେରାର ହୋଇଯାଇଥିଲେ। ପୋଲିସ ନଂ. ୧୪୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆମ ପୋଲିସ ସମିତି ବୈଠକ

**କଣିହାଁ,୩୦।୮(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଟୋଲକବେଡା ଗ୍ରାମରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଏନ୍‌ଟିପିସି ପ୍ରକଳ୍ପ ପାୱାର ଗ୍ରୀଡ ପାଚେରି ନିକଟରେ ଥିବା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ସହିତ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ସଦସ୍ୟାମାନେ କମ୍ପାନୀ ଅବହେଳାକୁ ନେଇ ମତବ୍ୟକ୍ତ କରିଥିଲେ। ସେହିପରି ପୋଲିସ ଓ ଜନ ସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ଗ୍ରାମ ସଭାପତି ସହଦେବ ସାହୁଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## କନ୍ୟା ଭ୍ରୂଣ ହତ୍ୟା ରୋକିବାକୁ ଗୁରୁତ୍ୱ

# ପ୍ରସବ ବିବରଣୀ ଦେବେ ଘରୋଇ କ୍ଲିନିକ୍

- ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ
- ବିସ୍ତୃତ ତଥ୍ୟ ଦେବେ ଅଲଟ୍ରାସାଉଣ୍ଡ ମେଶିନ ଯୋଗାଣକାରୀ



**ଅନୁଗୋଳ ଅଫିସ, ୩୦।୮**

ଜିଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଓ ନର୍ସିଂହୋମରେ କଡାକଡି ପାଳନ ହେବ ଲିଙ୍ଗ ନିରୂପଣ ନିରୋଧୀ ସମ୍ପର୍କିତ ପିସିଆଣ୍ଡପିଏନ୍‌ଡିଟି ଆଇନ। ସମସ୍ତ ଘରୋଇ ପଞ୍ଜୀକୃତ କ୍ଲିନିକ୍‌ଗୁଡ଼ିକ ପ୍ରତିମାସ ଶେଷରେ ପ୍ରସବ ବିବରଣୀ ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଦାନ କରିବେ। ଏଥିସହ ଜିଲାରେ ଅଲଟ୍ରାସାଉଣ୍ଡ ମେଶିନ୍ ଯୋଗାଣକାରୀ ସଂସ୍ଥାଗୁଡ଼ିକ ସେମାନଙ୍କ କିଣାବିକାର ବିସ୍ତୃତ ବିବରଣୀ ଦେବେ। ନଚେତ ସେମାନଙ୍କୁ ଜିଲା ଭିତରେ ମେଶିନ ବିକ୍ରୟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି। ବେଆଇନ ଲିଙ୍ଗ ନିରୂପଣ କରୁଥିବା ନର୍ସିଂହୋମ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପିସିଆଣ୍ଡପିଏନ୍‌ଡିଟିର ସହକାରୀ ପରିଚାଳକ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାରେ କନ୍ୟା ଭ୍ରୂଣ ହତ୍ୟା ରୋକିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଲିଙ୍ଗ ଅନୁପାତରେ ଶିଶୁକନ୍ୟାଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଜିଲାରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଅଲଟ୍ରାସାଉଣ୍ଡ କ୍ଲିନିକ ପଞ୍ଜୀକରଣ ଓ ଅଭିଜ୍ଞତା ଭିତ୍ତିରେ ଡାକ୍ତର ନିୟୋଜିତ ପାଇଁ ଅନୁମତି ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏଣିକି କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ପାଇଁ ଆବେଦନ କରୁଥିବା ଅଲଟ୍ରାସାଉଣ୍ଡର ଗୃହଗୁଡ଼ିକରେ ଆବଶ୍ୟକ ସ୍ଥାନ ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ମାସରେ କ୍ଲିନିକ ଗୁଡିକରେ ଅତି କମ୍‌ରେ ୨ଥର ଅତର୍କିତ ଚଢ଼ାଉ କରିବାକୁ ଜିଲାପାଳ କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଶା ଓ ଅଙ୍ଗନାୱାଡ଼ି କର୍ମୀମାନେ ପ୍ରାଥମିକ ଅବସ୍ଥାରେ ଗର୍ଭ ପଞ୍ଜୀକରଣ ପାଇଁ ପ୍ରବର୍ତ୍ତାଇବା ସହ ଏହାର ଠିକ୍ ତଥ୍ୟ କମିଟିକୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି। ଅକ୍ଟୋବର ୧୧ରେ ଜିଲାରେ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ଜିଲାର ୫ ଜଣ ଝିଅଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏଡିଏମ୍‌ଓ (ମେଡ଼ିକାଲ) ଡା. ଲକ୍ଷ୍ମୀନାରାୟଣ ବିଶୋଇ, ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସରକାରୀ ଓକିଲ ପ୍ରଦୀପ ଦାଶ, ବିଶ୍ୱ ଯୁବ କେନ୍ଦ୍ରର ମନୋଜ କୁମାର ମହାପାତ୍ର, ଅନୁଗୋଳ ପୌରପାଳିକାର ପୂର୍ବତନ ଅଧକ୍ଷ ସୁକାନ୍ତି ଦାସ, ସାମାଜିକ କର୍ମୀ ପର୍ଶୁରାମ ଦାସ ଓ ଜ୍ୟୋତିର୍ମୟୀ ଦେହୁରୀଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ୧୦୫୨ ଜଣଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ



**ପାଲଲହଡା,୩୦।୮(ଡି.ଏନ.ଏ.)**

ପାଲଲହଡା ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଘର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ବ୍ଲକର ୧୦ଟି ପଞ୍ଚାୟତର ୧୦୫୨ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏଥିସହ ଗରିବ ଏବଂ ଅସହାୟ ଲୋକଙ୍କ ପାଇଁ ରାଜ୍ୟ ସରକାର ପ୍ରଚଳନ କରିଥିବା ବିଭିନ୍ନ ଯୋଜନାରୁ ହିତାଧିକାରୀମାନେ ଲାଭ ଉଠାନ୍ତୁ ବୋଲି ବିଧାୟକ ପାଲ କହିଥିଲେ। ସେହିପରି କୌଣସି ଦଲାଲ କିମ୍ବା ଠିକାଦାରଙ୍କୁ ଘର କରିବାକୁ ନ କହି ନିଜେ କେମିତି ନିଜ ଘର ନିର୍ମାଣ କରିବେ ସେ ନେଇ ବ୍ଲକର ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସେଠି ହିତାଧିକାରୀଙ୍କୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ଏସ. ଲଲାଟେନ୍ଦୁ ବିଦ୍ୟାଧର, ବ୍ଲକ ଅଧକ୍ଷ ନବକିଶୋର ନାୟକ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର କୁମାର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।




## ଷ୍ଟ୍ରିଟ ଲାଇଟ୍ ଖୁଣ୍ଟରେ ଲାଗିଲା ସିସିଏମ୍‌ଏସ୍



**ଅନୁଗୋଳ ଅଫିସ, ୩୦।୮**

ଅନୁଗୋଳ ପୌରପାଳିକା ପକ୍ଷରୁ ବିଦ୍ୟୁତ ସଞ୍ଚୟ ପାଇଁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏଣିକି ସହରରେ ସୂର୍ଯ୍ୟ ଉଇଁଲେ ଆପେ ଆପେ ସହରରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଲିଭିଯିବ। ଆଉ ସୂର୍ଯ୍ୟ ଅସ୍ତ ହେଲେ ମନକୁ ଜଳିବ ଲାଇଟ୍। ସେଥିପାଇଁ ପୌରପାଳିକା ଅଧୀନରେ ଥିବା ୬୨ଟି ସବ୍‌ଷ୍ଟେଶନରେ ସିସିଏମ୍‌ଏସ୍ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ମିଳିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ଦ୍ୱାରା ସହରର ୧୨ଟି ସ୍ଥାନରେ ସିସିଏମ୍‌ଏସ୍ କାର୍ଯ୍ୟକ୍ଷମ ହୋଇଛି ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

ଅନୁଗୋଳ ସହରରେ ବିଭିନ୍ନ ସମୟରେ ଦିନରେ ଲାଇଟ ଜଳୁଥିବା ନେଇ ଅଭିଯୋଗ ଆସିଥିଲା। ଏପରି କି ଦିନ ରାତି ଆଲୋକ ଜଳିବା କାରଣରୁ ବିଭିନ୍ନ ସ୍ଥାନରେ ଲାଇଟ୍ ଖରାପ ମଧ୍ୟ ହେଉଥିବା ଦେଖାଯାଇଥିଲା। ଏହାକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ପୌରପାଳିକା ପକ୍ଷରୁ କୁହାଯାଇଛି। ପୌରପାଳିକାର ଥିବା ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟିରେ ସିସିଏମ୍‌ଏସ୍ ଲାଗିବ। ଏହି ସିସିଏମ୍‌ଏସ୍ ସନ୍ଧ୍ୟା ହେଲେ ବିଦ୍ୟୁତ ଖୁଣ୍ଟିରେ ଲାଗିଥିବା ଆଲୋକକୁ ଜଳାଇବ। ଆଉ ସକାଳ ହେଲେ ଲାଇଟ ଆପେ ଲିଭିଯିବ। ଫଳରେ ବିଦ୍ୟୁତ ଖର୍ଚ୍ଚ ବଞ୍ଚିବା ସହ ସହରରେ ଲାଗିଥିବା ଏଲଇଡ଼ି ଲାଇଟ୍‌ର ଆୟସ ମଧ୍ୟ ବଢ଼ିବ। ଶୁକ୍ରବାର ଅମଲାପଡ଼ାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ସିଭିଲ ଏସ୍‌ଡ଼ିଓ ଛକ, ମେଡିକାଲ ଛକ ଓ ବସ୍ ଷ୍ଟାଣ୍ଡ ପ୍ରଭୃତି ସ୍ଥାନରେ ଲାଗିଛି। ଆଗକୁ ଏହା ସହରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୩୦।୮:** ଅନୁଗୋଳ ଜିଲାପାଳଙ୍କ ସେପ୍ଟେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୪ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟରେ ଶିବିର ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୧୬ ତାରିଖ ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ ଓ ୩୦ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟଠାରେ ଏହି ଶିବିର ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖ ଅପରାହ୍ନ ୩ ଟାରେ ଛେଣ୍ଡିପଦା ବ୍ଲକ ଟେଣ୍ଟୋଲି କୋଡ଼ାସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ବୋଲି ସ୍ଥିର ହୋଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେବେ। ଶିବିରରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି।




## ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧନା



ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ତାଳଚେର,୩୦।୮(ନି.ପ୍ର.)**

ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର–୨୦୧୮ ପାଇଥିବା ତାଳଚେର ଡେରାମୁଣ୍ଡା ହଟିଂର ଶ୍ରୀମତୀ ବଦ୍ରାଙ୍କୁ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ଗତ ବର୍ଷ ଏକ ରେଳ ଦୁର୍ଘଟଣାରେ ଗୋଡ ହରାଇଥିବା ଘଣ୍ଟପଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରମିଳା ମୁଣ୍ଡାଙ୍କୁ ଉପସ୍ଥିତ ବୁଦ୍ଧି ଖଟାଇ ବଞ୍ଚାଇବା ସହ ତାଙ୍କୁ କାନ୍ଧରେ ବୋହି ଘରକୁ ଆଣିଥିବାରୁ ଶ୍ରୀମତୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ୫ମ ଶ୍ରେଣୀ ଛାତ୍ରୀ ତାଳଚେର ଉପଖଣ୍ଡ ପାଇଁ ଗର୍ବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଅବସରରେ ସହକାରୀ ଜିଲାପାଳ ଗୌରୀ ନାଏକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଓ ସାମାଜିକ କର୍ମୀ କ୍ଷିରୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜେସିଆଇର ତାଳଚେର ଚାପ୍ଟର୍ ଉଦ୍‌ଘାଟିତ



**ତାଳଚେର,୩୦।୮ (ନି.ପ୍ର.)**

ଜେସିଆଇ (ଜୁନିୟର୍ ଚାମ୍ବର ଇଣ୍ଟରନ୍ୟାଶନାଲ)ର ତାଳଚେର ଚାପ୍ଟର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଦେଉଳବେଡ଼ା କଳିୟାରୀ ସ୍ଥିତ ମଙ୍ଗଳମ୍ ହଲ୍‌ଠାରେ ଆୟୋଜିତ ଉତ୍ସବରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଳଚେର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଏହି ସଂସ୍ଥା ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଓ ଜେସିଆଇ ଜୋନ୍ ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲା ଯୋଗଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମନୀଷ ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜେସିଆଇ ତାଳଚେର ଶାଖାର ନୂତନ ସଭାପତି ଭାବେ ରାକେଶ ଗୁପ୍ତାଙ୍କୁ ମନୋନୀତ କରାଯାଇଥିଲା। ତାଳଚେର ଜେସିଆଇକୁ ଶ୍ରେଷ୍ଠ ଶାଖା ଭାବେ ଗଢ଼ି ତୋଳିବାକୁ ନୂତନ ସଭାପତି ସହଯୋଗ କାମନା କରିଥିଲେ। ସାଧାରଣ ସମ୍ପାଦକ ଭାବେ ଦୀପ୍ତିରଞ୍ଜନ ବିଶ୍ୱାଳ ଓ କୋଷାଧକ୍ଷ ଭାବେ ବାସୁଦେବ ସାହୁ, ପ୍ରତାପ ବାରିକ୍ ଗ୍ରୀଟର୍, ବନୀଷ ଅଗ୍ରୱାଲା, ଶୁଭକାନ୍ତ ଆଚାର୍ଯ୍ୟ, କିଷନ୍ ଅଗ୍ରୱାଲ, ହେମନ୍ତ ଖୁଣ୍ଟିଆ, ସରୋଜ ଗିରି, ଉପସଭାପତି ପଲ୍ଲବୀ ଅଗ୍ରୱାଲ, ମହେଶ ଅଗ୍ରୱାଲ, ସୁପ୍ରିୟା ଲେଙ୍କା, ସ୍ୱାଧୀନ ଅଗ୍ରୱାଲ, ହିତେଶ ଅଗ୍ରୱାଲା, ନିର୍ଦ୍ଦେଶକ ଭାବେ ଏବଂ ନୂତନ ସଦସ୍ୟଭାବେ ବିକାଶ ଅଗ୍ରୱାଲ, ରଶ୍ମି ଅଗ୍ରୱାଲ, ବିଶ୍ୱରଞ୍ଜନ ସାହୁ, ଚନ୍ଦନ ସାହୁ, ପିଙ୍କି ଅଗ୍ରୱାଲ, ତମନ୍ନା ଅଗ୍ରୱାଲ, ତୃପ୍ତିମୟୀ ସାହୁ ପ୍ରମୁଖ ଶପଥ ପାଠ କରିଥିଲେ। ଜ୍ୟୋତି ବାଗ୍ରୋଡ଼ିଆ ଜେସିଆଇ ତାଳଚେର ମହିଳା ଶାଖାର ଦାୟିତ୍ୱ ଗ୍ରହଣ କରିଥିଲେ। ଅନୁଗୋଳ ଶାଖାର ପୂର୍ବତନ ସଭାପତି ଡ. ନିକଲସ୍ ଜନ୍, କମଳ ଅଗ୍ରୱାଲ, କୈଳାସ ଜିନ୍ଦଲଙ୍କ ସମେତ ଜେସିଆଇ ଅନୁଗୋଳ ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଏହି ଅବସରରେ ଜେସିଆଇ ତାଳଚେରର ୱେବ୍‌ସାଇଟ୍‌କୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ